## ସଂକ୍ଷେପରେ

### ବ୍ରୋଞ୍ଜ ଜିତିଲେ ଅନିଲ



**ବ୍ରହ୍ମପୁର ଅଫିସ୍,୨୫।୨:** ବିଶାଖାପାଟଣାରେ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରେ ଓଡ଼ିଶାକୁ ଦ୍ୱିତୀୟ ପଦକ ଦେଇଛନ୍ତି ଅନିଲ କୁମାର ସାହୁ। ସେ ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ୮୧କିଲୋ ଓଜନ ବର୍ଗରେ ଭାଗ ନେଇଥିଲେ। ସ୍ନାଚ୍‌ରେ ୧୩୨ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୬୮କିଲୋ ଉଠାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତାଙ୍କୁ ଜିଲା ଭାରୋତ୍ତୋଳନ ସଂଘ ସଭାପତି କୁମୁଦ ଚନ୍ଦ୍ର ସାହୁ, କୋଚ୍ ରମେଶ ପାଢ଼ୀ ଏବଂ ସୀତା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟିଯାତ୍ରା

**ବ୍ରହ୍ମପୁର ଅଫିସ୍,୨୫।୨**

ବ୍ରହ୍ମପୁର ସିଟି ହସ୍ପିଟାଲରେ ବରିଷ୍ଠ ନାଗରିକଙ୍କ ପାଇଁ ଅନ୍ତଃଚିକିତ୍ସା ବିଭାଗ କାର୍ଯ୍ୟକାରୀ, ଅଲଟ୍ରାସାଉଣ୍ଡ ମେଶିନ୍ କାର୍ଯ୍ୟକାରୀ ଭଳି ୩ ଦଫା ଦାବି ନେଇ ସୋମବାର ସିଡିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ୮୨ ତମ ଘଣ୍ଟିପିଟା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ଦସ୍ତଖତ ସମ୍ବଳିତ ସ୍ମାରକ ପତ୍ର ସିଡିଏମ୍‌ଓ ଡାକ୍ତର ସଦାନନ୍ଦ ମିଶ୍ରଙ୍କ ଜରିଆରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପ୍ରକାଶଯେ, ବ୍ରହ୍ମପୁର ସିଟି ହସ୍ପିଟାଲକୁ ଦୈନିକ ଶତାଧିକ ବରିଷ୍ଠ ନାଗରିକ ନିଜର ସ୍ୱାସ୍ଥ୍ୟ ଗତ ଚିକିତ୍ସା ସକାଶେ ଆସୁଥିବା ବେଳେ ସେଠାରେ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରୁଛନ୍ତି । ସେମାନଙ୍କ ପାଇଁ ଅନ୍ତଃ ଚିକିତ୍ସା ବିଭାଗ କାର୍ଯ୍ୟକାରୀ କରିବା ସହିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ପରିଶ୍ରାଗାର ନିର୍ମାଣ କରିବା ପାଇଁ ଦାବି କରାଯାଇଥିଲା । ଅପରପକ୍ଷେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସିଡିଏମ୍‌ଓ କହିଛନ୍ତି। ମାନବ ଅଧିକାର ସୁରକ୍ଷା ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱର ଉକ୍ତ ଆନ୍ଦୋଳନରେ ଲକ୍ଷ୍ମୀନାରାୟଣ ରାଉତ, ଭାସ୍କର ଚନ୍ଦ୍ର ସାହୁ, ଶ୍ୟାମସୁନ୍ଦର ଖାଡଙ୍ଗା, ଆର୍.ସତ୍ୟନାରାୟଣ ରାଓ, ମହେଶ୍ୱର ବାଡତ୍ୟା ଓ ମନୋଜ କୁମାର ତରାଇ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ଥିଲେ ।



ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ଦୃଷ୍ଟିହୀନ ଦେଉଛନ୍ତି ଅତିରିକ୍ତ ଫି'

**ବ୍ରହ୍ମପୁର ଅଫିସ୍,୨୫।୨**

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସରକାରୀ ନିର୍ଦ୍ଦେଶକୁ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କଠାରୁ ମେସ୍ ଫି' ବ୍ୟତୀତ ଅନ୍ୟାନ୍ୟ ଫି' ଆଦାୟ ନ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ମହାବିଦ୍ୟାଳୟ ହଷ୍ଟେଲ୍‌ରେ ଏହା ଆଦାୟ ହେଉଥିବା ନେଇ ସୋମବାର ଦୃଷ୍ଟିହୀନ ଅନ୍ତେବାସୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ସେମାନଙ୍କ ଅଭିଯୋଗ ହେଲା, ଉଚ୍ଚ ଶିକ୍ଷା ବିଭାଗ ତରଫରୁ ୨୦୧୭ ଡିସେମ୍ବର ୧୩ତାରିଖରେ ଏକ ନିର୍ଦ୍ଦେଶ ଜାରି ହୋଇଥିଲା। ଯେଉଁଥିରେ ଉଲ୍ଲେଖ କରାଯାଇଥିଲା, ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କଠାରୁ ମେସ୍ ଫି' ବ୍ୟତୀତ ଅନ୍ୟାନ୍ୟ ଫି' ଛାଡ଼ କରାଯିବ। ଯେଉଁମାନେ ୪୦ପ୍ରତିଶତରୁ ଅଧିକ ଦୃଷ୍ଟିହୀନ, ସେମାନଙ୍କ କ୍ଷେତ୍ରରେ ଏହା ଲାଗୁ ହେବ । ପୂର୍ବରୁ ଏନେଇ ଆଉ ଏକ ନିର୍ଦ୍ଦେଶ ଜାରି ହୋଇଥିଲେ ମଧ୍ୟ ତାକୁ କେତେକ ମହାବିଦ୍ୟାଳୟ ପାଳନ କରୁ ନ ଥିବା ଯୋଗୁ ବିଭାଗ ତରଫରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ, ହଷ୍ଟେଲ୍‌ରେ ରହୁଥିବା ଦୃଷ୍ଟିହୀନ ଅନ୍ତେବାସୀଙ୍କଠାରୁ ମେସ୍ ଫି' ବ୍ୟତୀତ ଅନ୍ୟ ଫି' ଆଦାୟ କରାଯିବା କଥା ନୁହଁ। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଇଟି ହଷ୍ଟେଲ୍ ଯଥା ରାଧାକ୍ରିଷ୍ଣନ୍ ଏବଂ ଝାନ୍‌ସିରାଣୀରେ ପାଖାପାଖି ୩୦ ଛାତ୍ରୀଛାତ୍ର ରହୁଛନ୍ତି। ହେଲେ ସେମାନଙ୍କଠାରୁ ପାଣି, ବିଦ୍ୟୁତ୍ ସହ ଅନ୍ୟାନ୍ୟ କେତେକ ବାବଦରେ ଫି' ଆଦାୟ କରାଯାଉଛି । ଏନେଇ ୱାର୍ଡେନ୍ ଏସ୍.ଏନ୍. କୁଣ୍ଡୁ କହିଛନ୍ତି, ମେସ୍ ଫି' ସହ ବିଦ୍ୟୁତ୍ ଏବଂ ପାଣି ବାବଦରେ ଟଙ୍କା ଆଦାୟ କରାଯାଉଛି । ହଷ୍ଟେଲ୍‌ର ମୋଟ ବିଲ୍ ଯେତିକି ହେଉଛି, ସବୁ ଅନ୍ତେବାସୀଙ୍କଠାରୁ ଆଦାୟ ହେଉଛି । ଯଦି ଦୃଷ୍ଟିହୀନ ଦେବେନି, ତେବେ କିଏ ଦେବ। ହେଲେ ଅନ୍ୟାନ୍ୟ ଫି' ଆଦାୟ କରାଯାଉନି ବୋଲି ସେ ପ୍ରକାଶ କରିଛନ୍ତି।

# ଗଞ୍ଜାମ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ବ୍ରହ୍ମପୁର ଅଫିସ୍,୨୫।୨**

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ସୋମବାର ଗଞ୍ଜାମ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ପ୍ରତ୍ୟେକ ମାସ ଶେଷ ଚାରି ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଥିବା ବେଳେ କୌଣସି ଫଳ ମିଳୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇଥିବା ପ୍ରକାଶ ପାଇଛି । ସୋମବାର ଆନ୍ଦୋଳନରେ ସଂଘ ସଭାପତି ଲଳିତ ମୋହନ ସିଂଘାରୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଯୁଗ୍ମସମ୍ପାଦକ ବାପୁଜୀ ପଟ୍ଟନାୟକ, କେ.କେ. ବେହେରା, ପୀତବାସ ପଣ୍ଡା, ଜଗନ୍ନାଥ ମିଶ୍ର, ବ୍ରଜମୋହନ ବିଷୋୟୀ, କିରଣ କୁମାର ମଣ୍ଡଳ, ତାପସ କୁମାର ଦାସ, ଅସୀତ କୁମାର ସାହୁ ଓ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ସାମିଲ ହୋଇଥିଲେ ।

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA
ଭାରତୀୟ ଜୀବନ ବୀମା ନିଗମ
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ
ଜୀବନ ଦୀପ, ଏକ୍ଜିବିଶନ୍ ରୋଡ୍,
ପାଟନା - ୮୦୦୦୦୧
ଫୋନ୍ ନଂ.: ୦୬୧୨-୨୫୦୩୦୧୪,
ଇ-ମେଲ- ecz_engg@licindia.com

ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ

ଏଲ୍ଆଇସି ଅଫ୍ ଇଣ୍ଡିଆ ଏହାର ଇସିଜେଡ୍‌ଓ, ପାଟନା ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶା ଅଧୀନସ୍ଥ ବିଲ୍ଡିଂଗୁଡ଼ିକର ୧. ସିଭିଲ କାର୍ଯ୍ୟ ୨. ବୈଦ୍ୟୁତିକ କାର୍ଯ୍ୟ ୩. ଜଳ ନିରୋଧୀ ଉପଚାର ୪. ଉଇନିରୋଧୀ ଉପଚାର ୫. ଏୟାର୍ କଣ୍ଡିସନିଂ ୬. ୟୁପିଏସ୍ ୭. ଅଗ୍ନି ସତର୍କତା ତଥା ଅଗ୍ନି ନିର୍ବାପନ ପ୍ରଣାଳୀର ବ୍ୟବସ୍ଥା ପାଇଁ ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି। ଅଧିକ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ www.licindia.in (ଟେଣ୍ଡର ପୃଷ୍ଠା) ଦେଖନ୍ତୁ। ଆଗ୍ରହୀ ଏଜେନ୍ସିଗୁଡ଼ିକ ବିବରଣୀ ଡାଉନ୍‌ଲୋଡ୍ କରିପାରିବେ ଏବଂ କାର୍ଯ୍ୟର ବର୍ଗ ତଥା କାର୍ଯ୍ୟର ମୂଲ୍ୟ ଦର୍ଶାଇ ପୂରଣ ହୋଇଥିବା ଦରଖାସ୍ତ ତା୧୮।୦୩।୨୦୧୯ରିଖ କିମ୍ବା ତାହା ପୂର୍ବ ସୁଦ୍ଧା ଦାଖଲ କରିପାରନ୍ତି।

ତାରିଖ: ୨୬।୦୨।୨୦୧୯ ମୁଖ୍ୟ ଯନ୍ତ୍ରୀ

CLASSIFIED DISPLAY















## ସଂକ୍ଷେପରେ

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ବୁଗୁଡ଼ା,୨୫।୨(ଡି.ଏନ.ଏ.): ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ବୁଗୁଡ଼ା ଅବସରପ୍ରାପ୍ତ ଶିକ୍ଷକ ସଂଘ କାର୍ଯ୍ୟକାରୀ କମିଟିର ବୈଠକ ସ୍ଥାନୀୟ ବାଲୁଙ୍କେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ବିଶ୍ୱମୋହନ ମିଶ୍ର ଅଧକ୍ଷତା କରିଥିଲେ। ବୈଠକରେ ଶିକ୍ଷକମାନେ ନୀରବ ପ୍ରାର୍ଥନା କରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ଶିକ୍ଷକ ସ୍ୱର୍ଗତ କାଶୀନାଥ ପଣ୍ଡା ଓ ତ୍ରିନାଥ ସାହୁଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ମୃତିଚାରଣ କରାଯାଇଥିଲା। ବିପିନ ବିହାରୀ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ରଥ, ଶ୍ୟାମ ସୁନ୍ଦର ନାୟକ, ଅନନ୍ତ କର, ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ, ବିପ୍ର ଚରଣ ବେହେରାଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ ।

### ବିଧାୟକଙ୍କ ଦ୍ୱାରା ୬ ପ୍ରକଳ୍ପ ଉଦ୍‌ଘାଟିତ

ପୋଲସରା,୨୫।୨(ଡି.ଏନ.ଏ.): ପୋଲସରା ବ୍ଲକ ଜମର, ବୁଢ଼େଇଶୁଣି ଓ ଖଣ୍ଡୁରୁ ପଞ୍ଚାୟତରେ ସୋମବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଖଣ୍ଡୁରୁ ଗ୍ରାମ କୋଠଘର, ଆମ ଗାଁ ଆମ ବିକାଶ ଯୋଜନାର ଗୋଷ୍ଠୀ ଓ ସୂଚନା କେନ୍ଦ୍ର, ବୁଢ଼େଇଶୁଣୀ ଗ୍ରାମରେ ପାଠାଗାର ଓ କୋଠଘର, ଲକ୍ଷ୍ମଣପଲ୍ଲୀ ଗ୍ରାମରେ ଜନ କଲ୍ୟାଣ ଯୁବ ସଂସଦ ପାଠାଗାର ସହ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଜକର ପଞ୍ଚାୟତରେ ଜକର-ବଞ୍ଚର ରାସ୍ତା ଧନେଇ ନାଳ ଉପରେ ସେତୁ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିସହିତ ଖଣ୍ଡୁରୁ ଗ୍ରାମରେ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ବିଧାୟକ ସାହୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ। ପ୍ରମୁଖ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଂଯୁକ୍ତା ବାଡ଼ତ୍ୟା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ ବିଶୋୟୀ ଓ ସୁଜିତ ବିଶୋୟୀଙ୍କ ସମେତ ପ୍ରମୁଖ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

### ମାନବ ଅଧିକାର ସଚେତନତା ଶିବିର



ଭଞ୍ଜନଗର,୨୫।୨(ଡି.ଏନ.ଏ.): ଭାରତୀୟ ମାନବ ଅଧିକାର ସଙ୍ଗଠନ ଭଞ୍ଜନଗର ଶାଖା ପକ୍ଷରୁ ସୋମବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଏକ ସଚେତନତା ଶିବିର ହୋଇଥିଲା । ଏଥିରେ ଜାତୀୟ ସଭାନେତ୍ରୀ ଶ୍ରୀମତୀ ସାବ୍‌ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବ ଅଧିକାର ଉପରେ କହିଥିଲେ। ଓଡ଼ିଶା ସଭାପତି ଭବାନୀ ଶଙ୍କର ସ୍ୱାଇଁ, କଟକ ଜିଲା ସଭାନେତ୍ରୀ ଲିପିକା ରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭଞ୍ଜନଗର ଶାଖା ସଭାପତି ଦୁର୍ଗାମାଧବ ଆଚାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉପ ସଭାପତି ଗଜେନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ସିଦ୍ଧେଶ୍ୱର ଚୌଧୁରୀ, ସହ ସମ୍ପାଦକ କେ.ଏସ୍.ପାତ୍ର, କୋଷାଧକ୍ଷ ମୁରଲି କ୍ରିଷ୍ଣା ଆଚାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

### ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ



ଆର.ଉଦୟଗିରି,୨୫।୨(ଡି.ଏନ.ଏ.): ଆର.ଉଦୟଗିରି ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଥାନା ଏସଡିପିଓ ଅନିଲ କୁମାର ପ୍ରଧାନ ଏହାକୁ ଉଦଘାଟନ କରିଥିଲେ। କ୍ରୀଡ଼ା ଉତ୍ସବର ପ୍ରତୀକ ମଶାଲକୁ ସ୍ଥାନୀୟ ସରପଞ୍ଚ ସଞ୍ଜୁକ୍ତା ପୁଜାରୀ ପ୍ରଜ୍ୱଳନ କରିଥିଲେ । ଏଥିରେ ଏସ୍‌ଏମ୍‌ଡିସିର ସଭ୍ୟା ସଭ୍ୟମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ନୀଳମାଧବ ପଣ୍ଡା, ସରୋଜ ସିଂ, ସୁବାସ ବିଷୋୟୀ, ସତ୍ୟଜିତ, ଆଶିଷ ରାଇକା ଓ ମନୋହର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଖେଳକୁ ସ୍ଥାନୀୟ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ କବିରାଜ ପ୍ରଧାନ, ଛେଳିଗଡ଼ କ୍ରୀଡ଼ା ଶିକ୍ଷକ ଓ ଟିକାମାଳ କ୍ରୀଡ଼ା ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ବାଳିକା କବାଡ଼ି, ବାଳକ କବାଡ଼ି, ୧୦୦ ମିଟର ଦୌଡ଼, ଡିସକସ, ସଟପୁଟ, ଜାଭେଲିନ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ନୂତନ ଓଡିଶା 'ଧର୍ମପଦ' ଡାଇଲଗ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨୫।୨(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବପିଢ଼ି।

ଦେଶର ବେକାରି ଯୁବପିଢ଼ିଙ୍କ ଉଜ୍ୱଳ ଭବିଷ୍ୟତ ଗଠନ କ୍ଷେତ୍ରରେ ପରାମର୍ଶ ପ୍ରଦାନ ନିମିତ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍କିଲ ସାଥୀ ନୂତନ ଓଡିଶା 'ଧର୍ମପଦ' ଡାଇଲଗ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ କମନ ସର୍ଭିସ ସେଣ୍ଟର(ସିଏସସି) ଗଞ୍ଜାମ ଜିଲା ଶାଖା, ନ୍ୟାସନାଲ ସ୍କିଲ ଡେଭଲପ ମେଣ୍ଟ କର୍ପୋରେଶନ ପକ୍ଷରୁ ବ୍ରହ୍ମପୁରରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ତଥା ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଯୋଗେ ବ୍ରହ୍ମପୁରରେ ବିଭିନ୍ନ କଲେଜରେ ଅଧ୍ୟୟନରତ ତଥା ଅଧୟନ ସାରି ନିଯୁକ୍ତି ଅପେକ୍ଷାରେ ଥିବା ଯୁବପିଢ଼ିଙ୍କ ସହ ବାର୍ତ୍ତାଳାପ କରି ଭବିଷ୍ୟତ ଗଠନ ନିମିତ୍ତ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁରର ନୀଳକଣ୍ଠ ନଗର ଶିଶୁ ବିଦ୍ୟାମନ୍ଦିର, ଖଲ୍ଲିକୋଟ ସ୍ୱୟଂ ସାଶିତ କଲେଜ, ମହାମାୟୀ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର ସରକାରୀ ଆଇଟିଆଇ, ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ସମେତ ନିଯୁକ୍ତି ଅପେକ୍ଷାରେ ଥିବା ପ୍ରାୟ ୫୦୦ ଯୁବତୀ ଯୁବକ ଯୋଗ ଦେଇଥିଲେ । ଏହି ଅବସରରେ ନିଯୁକ୍ତି ପାଇଁ ଆଶାୟୀ ଥିବା ୧୮-୩୫ ବର୍ଷ ବୟସର ଯୁବତୀଯୁବକଙ୍କ ନାମ ପଞ୍ଜୀକୃତ କରାଯାଇଥିଲା । ଏହି ପଞ୍ଜୀକୃତ ଆଶାୟୀଙ୍କୁ ତାଙ୍କ ଦକ୍ଷତା ଅନୁସାରେ ଆଗାମୀ ଦିନରେ ତାଲିମ ପ୍ରଦାନ ସହ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସିଏସସି ପକ୍ଷରୁ ସୂଚନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସିଏସସିର ଓଡିଶା କୋର୍ଡିନେଟର ଅମରେଶ ରାଉତରାୟ, ଗଞ୍ଜାମ ଜିଲା ସଭାପତି ସନ୍ତୋଷ ଦୋରା, ଗଞ୍ଜାମ ଜିଲା କୋର୍ଡିନେଟର ଅମିତ ସାହୁଙ୍କ ସମେତ ସତ୍ୟନାରାୟଣ ରାଓ, ଚନ୍ଦ୍ର ଶେଖର ସୁବୁଦ୍ଧି ବାବୁ, କେ. ସୁଦାମ ପାତ୍ର ଧର୍ମେନ୍ଦ୍ର ଦୋରା ପ୍ରମୁଖ ପରିଚାଳନା କରିଥଲେ ।

■ ସାଧାରଣ ନିର୍ବାଚନ ପ୍ରସ୍ତୁତି

# ଭଞ୍ଜନଗର କଲେଜ ପରିଦର୍ଶନ କଲେ ଉପଜିଲାପାଳ


ଉପଜିଲାପାଳ ଶ୍ରେଣୀଗୃହ ଦେଖୁଛନ୍ତି ।

### ୩ ନିର୍ବାଚନମଣ୍ଡଳୀର ହେବ ଷ୍ଟ୍ରଙ୍ଗରୁମ

ଭଞ୍ଜନଗର,୨୫।୨(ଡି.ଏନ.ଏ.)

ସାଧାରଣ ନିର୍ବାଚନ ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଦ୍ରୁତଗତିରେ ଚାଲିଛି । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଭଞ୍ଜନଗର, ସୋରଡ଼ା ଓ ଆସିକା ନିର୍ବାଚନମଣ୍ଡଳୀର ଷ୍ଟ୍ରଙ୍ଗରୁମ୍ ହେବ। ୩ ନିର୍ବାଚନମଣ୍ଡଳୀର ମତଗଣନା ମଧ ଏଠାରେ ହେବ। ତେଣୁ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ସୋମବାର କଲେଜ ପରିଦର୍ଶନରେ ଆସିଥିଲେ। ଭିଭିପାଟ୍ ମେଶିନ କେଉଁଠି ମହଜୁଦ୍ ରହିବ, କର୍ମଚାରୀମାନେ କିଭଳି ଏଠାରୁ ବୁଥ୍‌କୁ ଯିବେ, ମତଦାନ ପରେ ଭିଭିପାଟ୍ ଗୁଡ଼ିକ କିଭଳି ସୁରକ୍ଷିତ ଭାବେ ଆସି କଲେଜ ଷ୍ଟ୍ରଙ୍ଗରୁମ୍‌ରେ ରହିବ, ଭୋଟଗଣତି ଓ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ ତାହା ଅନୁଧ୍ୟାନ କରିଥିଲେ । ଚଳିତ ଥର ମହିଳା କର୍ମଚାରୀ ନିର୍ବାଚନ ଡ୍ୟୁଟି କରିବେ। ତେଣୁ ଉପଖଣ୍ଡର ମହିଳା କର୍ମଚାରୀ ତାଲିମ ନେଇଛନ୍ତି । ମହିଳା କର୍ମଚାରୀମାନେ ରାତିରେ ବୁଥ୍‌ରେ ରହିବେ ନାହିଁ। ମତଦାନ ପୂର୍ବଦିନ ବୁଥ୍‌କୁ ଯାଇ ସେମାନେ ନିଜର ସମସ୍ତ କାର୍ଯ୍ୟସାରି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ସ୍ଥାନରେ ରହିବେ। ବ୍ଲକ ପ୍ରଶାସନ ପକ୍ଷରୁ ମହିଳା କର୍ମଚାରୀମାନଙ୍କ ରହଣି ପାଇଁ ସହରରେ ବ୍ୟବସ୍ଥା କରାଯିବ। ମତଦାନ ଦିନ ସକାଳୁ ପ୍ରଶାସନ ପକ୍ଷରୁ ମହିଳା କର୍ମଚାରୀଙ୍କୁ ବୁଥ୍‌ରେ ଛାଡ଼ିବା ବ୍ୟବସ୍ଥା କରାଯିବ। ତେଣୁ ମହିଳା କର୍ମଚାରୀମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ଉପ ଜିଲାପାଳ ମିଞ୍ଜ ସୂଚନା ଦେଇଛନ୍ତି। ଉପ ଜିଲାପାଳଙ୍କ ଗସ୍ତ ସମୟରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି, ଡ. ସୁବାସ ଚନ୍ଦ୍ର ପ୍ରଧାନ, ଡ. ବିନୋଦ ଚନ୍ଦ୍ର ଦାସ, ଆର.କେ.ଦାସ,ଡ ଆର.ଏନ.ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଦିଗପହଣ୍ଡି,୨୫।୨(ଡି.ଏନ.ଏ.)


କୋଟିନଡ଼ାରେ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଉଦ୍‌ବୋଧନ ଦେଉଛନ୍ତି।

ଦିଗପହଣ୍ଡି ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ରବିବାର ଦିଗପହଣ୍ଡି ବ୍ଲକ ଗ୍ରସ୍ତ କରି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ହିତାଧିକାରୀଙ୍କୁ ରାଶନ କାର୍ଡ, ଆବାସ ଯୋଜନା କାର୍ଯ୍ୟାଦେଶ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ମୋବାଇଲ ଫୋନ ବଣ୍ଟନ କରିଛନ୍ତି। ମନ୍ତ୍ରୀ ଜକର ଗ୍ରାମର ନବନିର୍ମିତ ସେବା ସମବାୟ ସମିତି କାର୍ଯ୍ୟାଳୟ କୋଠା, ୪ ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାୟୀ କୋଠା ଓ ବିଶ୍ରାମାଗାରକୁ ମନ୍ତ୍ରୀ ଉଦଘାଟନ କରିଥିଲେ। କୋଟିନଡ଼ା ଗ୍ରାମରେ ୫୯ ଜଣଙ୍କୁ ରାଶନ କାର୍ଡ ଓ ୨୯ ଜଣଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି ସିଦ୍ଧେଶ୍ୱର ଗ୍ରାମରେ ୨୮ ଜଣଙ୍କୁ ରାଶନକାର୍ଡ ବଣ୍ଟନ କରିବା ପରେ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମରେ ଆୟୋଜିତ ସଭାରେ ଯୋଗଦେଇ ୧୪୫ ପରିବାରକୁ ରାଶନକାର୍ଡ ଓ ୧୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ମୋବାଇଲ ଫୋନ ବଣ୍ଟନ କରିଥିଲେ। ଶନିବାର ମନ୍ତ୍ରୀ ଗୌଡ଼ଗାଁ ପଞ୍ଚାୟତ ଲହୁଣିଆ ଗ୍ରାମରେ ଆୟୋଜିତ ସଭାରେ ଯୋଗଦେଇ ୮୦ ପରିବାରକୁ ଗ୍ୟାସ ଚୁଲା ଓ ସିଲିଣ୍ଡର ବଣ୍ଟନ କରିଥିବା ବେଳେ ବଜ୍ରଗୁମ୍ଫା, ଗୋପୀନାଥପୁର, ବନମାଳୀ ଓ ବିଜୟଲକ୍ଷ୍ମୀ ନାରାୟଣପୁର ଗ୍ରାମର ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରିଥିଲେ । ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି, ଚୈତନ୍ୟ ପ୍ରଧାନ, ଏମ. ନିରଞ୍ଜନ ରେଡ୍ଡୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ କିଶୋର ବରାଡ଼ ପ୍ରମୁଖ ବିଭିନ୍ନ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ପ୍ରାଣୀ ବିଜ୍ଞାନ ବିଭାଗ ଆଲୋଚନାଚକ୍ର

ଦିଗପହଣ୍ଡି,୨୪।୨(ଡି.ଏନ.ଏ.)

ଖେମୁଣ୍ଡି କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ବାୟୋଜିଓ କେମିକାଲ୍ସ ସାଇକ୍ଲୋ ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଆରତୀ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ମୁରଲୀଧର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉପାଧକ୍ଷା ଡ. ହରପ୍ରିୟା ପଟ୍ଟନାୟକ, ସିଏଚ୍ ଶାନ୍ତା କୁମାରୀ, ଡ଼. ପ୍ରତିଭା ମିଶ୍ର, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଗୋପୀନାଥ ଦାସ, ତ୍ରିଲୋଚନ ରଇତ, ଅକ୍ଷୟ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ର ସମ୍ପାଦକ ମିଳନ ପ୍ରଧାନ, ମହେନ୍ଦ୍ର ବେହେରା, ଶ୍ରବଣ ପଟ୍ଟନାୟକ, ଛାତ୍ରୀ ଆଶାଲତା ଗୌଡ଼ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# କ୍ୟାରିୟର କାଉନ୍‌ସେଲିଂ ସେମିନାର



କୁଳପତି ବକ୍ତବ୍ୟ ଦେଉଛନ୍ତି।

ଛତ୍ରପୁର,୨୫।୨(ଡି.ଏନ.ଏ.)

ଛତ୍ରପୁର ବିଜ୍ଞାନ କଲେଜରେ ସୋମବାର କ୍ୟାରିୟର ଆଣ୍ଡ କାଉନ୍‌ସେଲିଂ ସେମିନାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ାଇବା ସହ ବୃତ୍ତି ସୁଯୋଗ ଉପରେ ସଚେତନ କରିବାକୁ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀୟ ଅତିଥି ଭାବେ ହରିୟାଣା କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବସନ୍ତ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଶ୍ରମର ମୂଲ୍ୟ ବୁଝିବା ସହ ଏହାକୁ ସମ୍ମାନ ଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ଅଧକ୍ଷ ଡ. ଏନ୍.ସି. ପଟ୍ଟନାୟକ ଯୋଗଦେଇ ଆଇନରେ ଥିବା ବିଭିନ୍ନ ବୃତ୍ତିଗତ ସୁଯୋଗ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ । କାର୍ଯ୍ୟକ୍ରମରେ ଅଧକ୍ଷ ଡ. ସୌଭାଗ୍ୟ କୁମାର ସାହୁ ଅଧକ୍ଷତା କରିଥିଲେ । ସେମିନାରର ପରିଚାଳକ ଡ. ଲକ୍ଷ୍ମୀନାରାୟଣ ସାହୁ, ସହ ପରିଚାଳକ ଡ. ବିଷ୍ଣୁପ୍ରସାଦ କର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲେଜର ସମସ୍ତ ଅଧାପିକା ଅଧାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ୩ଦିନ ଧରି ଏହି ସେମିନାର ଚାଲିବ ।

# ଭାଜପାର ନୂଆ ଓଡ଼ିଶା କାର୍ଯ୍ୟକ୍ରମ

କନିଷି,୨୫।୨(ଡି.ଏନ.ଏ.)


ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

କନିଷିସ୍ଥିତ ଜିମାକ୍ସ ରିସୋର୍ଟରେ ଭାଜପାର ଧର୍ମପଦ ଡାଇଲଗ୍ (ନୂଆ ଓଡ଼ିଶା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଲିଭ୍ ଟେଲିକାଷ୍ଟକୁ ଉପଭୋଗ କରିଥିଲେ। ସ୍କିଲ ଇଣ୍ଡିଆ ଡେଭଲପ୍ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କିଲ ଇଣ୍ଡିଆ କ୍ଷେତ୍ରରେ ଆସିଥିବା ଛାତ୍ରୀଛାତ୍ର ନିଯୁକ୍ତି ପାଇଁ ଅନ୍‌ଲାଇନ ଆବେଦନ କରାଯାଇଥିଲା। ଏଥିରେ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଶୁଭାଶିଷ ସାହୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ବିଭୂତି ଜେନା, ଜିଲା ଯୁବମୋର୍ଚ୍ଚା ଉପସଭାପତି ସୁନୀଲ ପାତ୍ର, ସନତ ନାୟକ, ମହେନ୍ଦ୍ର ପାତ୍ର, ସୋମନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ସମିତି ସଭ୍ୟଙ୍କ ସ୍ମୃତିଚାରଣ ସଭା

ହାତୀଓଟ,୨୫।୨

ପୋଲସରା ବ୍ଲକ ବର୍ଡିନୀ ପଞ୍ଚାୟତ ସମିତିସଭ୍ୟ ଇଂ.ରାମକୃଷ୍ଣ ବାଢେଇଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ତଥା ଶୋକସଭା ଝିଁକିବାଡିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ସାମାଜିକକର୍ମୀ ପ୍ରଭାକର ପଣ୍ଡା, ଭାଜପା ନେତା ଗୋକୁଳାନନ୍ଦ ମଲ୍ଲିକ, ଦୀନବନ୍ଧୁ ସାହୁ, ବର୍ଡିନୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସାହୁ ଓ ସରପଞ୍ଚ ଅବନୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜଣେ କର୍ମଠ, ସାହସୀ ଓ ପରୋପକାରୀ ବ୍ୟକ୍ତିଭାବେ ବାଢେଇ ଜଣାଶୁଣା ଥିଲେ ବୋଲି ବକ୍ତାମାନେ ସ୍ମୃତିଚାରଣ କଇଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ

କୁକୁଡ଼ାଖଣ୍ଡି,୨୫।୨(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ନିର୍ମାଣ ଶ୍ରମିକମାନଙ୍କୁ ସୋମବାର ସାଇକେଲ ବଣ୍ଟନ କରାଯାଇଛି । ବ୍ଲକର ୨୨ଟି ପଞ୍ଚାୟତର ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ବ୍ଲକରେ ପହଞ୍ଚି ଏହି ସାଇକେଲ ପାଇଛନ୍ତି। ବ୍ରହ୍ମପୁରରୁ ଲେବର ଅଫିସର ଏବଂ ବ୍ଲକ ବିଡିଓ ଜୀବନ ଚନ୍ଦ୍ର ମଲିକ, ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବ୍ଲକ କର୍ମଚାରୀ ଉପସ୍ଥିତ ରହି ସାଇକେଲ ବଣ୍ଟନ କରିଛନ୍ତି ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଆସିକା,୨୫।୨ (ଡି.ଏନ୍.ଏ.)

ଆସିକା ବ୍ଲକ ସିଦ୍ଧନୟୀ ଗ୍ରାମରେ ସୋମବାର ବିଧାୟକ ଦେବରାଜ ମହାନ୍ତିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦଘାଟିତ ହୋଇଛି । ସେଥିମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟର ନବୀକରଣ, ଗାଁରେ ସଭା ମଣ୍ଡପ ଓ ହାଇସ୍କୁଲ ପରିସରରେ ଏକ ଶୌଚାଳୟ ରହିଛି। ସରପଞ୍ଚ ନନ୍ଦି କୁମାର ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଶିବଶଙ୍କର ମହାନ୍ତି, ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ ଚର୍ଚ୍ଚି, ବିପିନୀ ପାଢୀ, ସହକାରୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦାସ, କନିଷ୍ଠ ଯନ୍ତ୍ରୀ କ୍ଷୀରୋଦ ଦାସ, ପୂର୍ବତନ ସମିତିସଭ୍ୟ ତାରିଣୀ ଚରଣ ଦାଶ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବୈକୁଣ୍ଠ ବିହାରୀ ପ୍ରଧାନ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାଗିରଥି ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।


ବିଧାୟକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

### ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ

ଗଞ୍ଜାମ,୨୫।୨(ଡି.ଏନ.ଏ.)

ଗଞ୍ଜାମ ଦୁର୍ଗାଦେବୀ ସାହିସ୍ଥିତ ଆଦର୍ଶ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଏସ୍‌ପି ଦିଲୀପ କୁମାର ଦାସ, ମୁଖ୍ୟବକ୍ତା ଶିକ୍ଷାବିତ ପଦ୍ମନାଭ ମହାରଣା, ସ୍କୁଲ ପରିଚାଳନା ମୁଖ୍ୟ ଗୀତାଞ୍ଜଳି ପଣ୍ଡା, ସୁମନ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କୁଲ ପ୍ରିନ୍ସପାଲ ଆରତୀରାଣୀ ପଣ୍ଡା ଅଧକ୍ଷତା କରିଥିବା ବେଳେ ନୀଳାଞ୍ଚଳ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ଶିକ୍ଷୟିତ୍ରୀ ଉଷାରାଣୀ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### କୋଠଘର ଭିତ୍ତିପ୍ରସ୍ତର ସ୍ଥାପନ

ବୁଗୁଡ଼ା,୨୫।୨(ଡି.ଏନ.ଏ.)

ବୁଗୁଡ଼ା ଆଞ୍ଚଳିକ ସାହିରେ ଘୁମୁସର ତୈଳିକ ବୈଶ୍ୟ ସମାଜ କୋଠ ଘର ନିର୍ମାଣ ଲାଗି ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ଅତିଥି ଭାବେ ଆଠଗଡ଼ ତାଲୁକା ତୈଳିକ ବୈଶ୍ୟ ସାଧବ ସମାଜର ଉପଦେଷ୍ଟା ବ୍ରଜେନ୍ଦ୍ର ସାହୁ, ଘୁମୁସର ତୈଳିକ ବୈଶ୍ୟ ସମାଜର ସଭାପତି ବସନ୍ତ କୁମାର ସାହୁ ଓ ସମ୍ପାଦକ ସୋମନାଥ ସାହୁ ସମାଜର ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।

# ସିସିଟିଭି କ୍ୟାମେରା ଲଗାଇବାକୁ ଦାବି

ଚିକିଟି,୨୫।୨(ଡି.ଏନ.ଏ.)

ଚିକିଟିପେଣ୍ଠ ବଜାର ହେଉଛି ବାଣିଜ୍ୟିକ ପେଣ୍ଠସ୍ଥଳ । ଏହା ଉପରେ ଚିକିଟି ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଲୋକେ ନିର୍ଭର କରନ୍ତି। ବଜାରରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ଦିନକୁ ଦିନ ଚୋରି, ଡକାୟତି ଆଦି ଘଟୁଥିବା ବେଳେ ଟାଫିକ୍ ସମସ୍ୟା ଦ୍ୱିଗୁଣିତ କରୁଛି । ଏଥିସହିତ ଅନ୍ୟାନ୍ୟ ଅପରାଧ ନିୟନ୍ତ୍ରଣ ପାଇଁ ବଜାରର ମୁଖ୍ୟ ସ୍ଥାନଗୁଡିକରେ ସିସିଟିଭି କ୍ୟାମେରା ଲଗାଇବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି । ଏନେଇ ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ସହ ବିଭିନ୍ନ ବ୍ୟାଙ୍କ୍, ହୋଟେଲ, ବ୍ୟବସାୟିକ କେନ୍ଦ୍ର ବାହାରେ ସିସିଟିଭି କ୍ୟାମେରା ଲଗାଇଲେ ଅପରାଧୀଙ୍କୁ ଚିହ୍ନଟ କରିବାରେ ସହାୟକ ହେବ ବୋଲି କୁହାଯାଇଛି । ସୂଚନାଯୋଗ୍ୟ, ଚିକିଟିପେଣ୍ଠ ବଜାରର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ହୋଟେଲ, ବ୍ୟାଙ୍କ ଓ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଛି। ବହୁ ସମୟରେ ବାହାରେ ଗାଡି ରଖି ଲୋକମାନେ ବିଭିନ୍ନ କାର୍ଯ୍ୟରେ ଦୋକାନ କିମ୍ବା ଅଫିସ ଆଦି ଭିତରକୁ ଯାଉଥିବା ବେଳେ ଗାଡି ଚୋରି ଏବଂ ଟଙ୍କା ବ୍ୟାଗ୍ ଲୁଟ ଭଳି ଘଟଣାମାନ ଘଟୁଛି।

# ଗଞ୍ଜେଇ ଜବତ, ୪ ଗିରଫ

ସୋରଡ଼ା,୨୫।୨(ଡି.ଏନ୍.ଏ.)


ଜବତ ଗଞ୍ଜେଇ।

ଅବକାରୀ ଅଧୀକ୍ଷକ ଓ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋରଡ଼ା ତହସିଲଦାର ଅମର କୁମାର ବସନ୍ତରାୟଙ୍କ ତତ୍ତ୍ୱାବଧାନରେ ସୋରଡ଼ା ବ୍ଲକ ଗାଜଲବାଡ଼ି ଅଞ୍ଚଳରେ ପାଟ୍ରୋଲିଂ ଚାଲିଥିବା ବେଳେ ପୋଲିସ ୧୬ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ ସହ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଅଙ୍ଗଦ ପ୍ରଧାନ, ବାଲିଗୁଡ଼ା କେ.ନୂଆଗାଁ ଥାନା ଅନ୍ତର୍ଗତ ବିପିନ କୁମାର ପ୍ରଧାନ, ସାନ କୁସବାଡ଼ିର ଫ୍ରାନ୍ସିସ ମଲ୍ଲିକ ଓ ସଞ୍ଜିବ ଦିଗାଲ। ଏ ନେଇ ନଂ. ୮୪/୮୫/୮୬/୨୦୧୮-୧୯ ପ୍ରକାରେ ମାମଲା ରୁଜୁ ହୋଇଛି। ସୋରଡ଼ା ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ମୋହନ ପ୍ରଧାନ, ଏଏସ୍‌ଆଇ ଅଗିଆ ବେହେରା ଓ କର୍ମଚାରୀ ଏସ୍ ରବୀନ୍ଦ୍ର କୁମାର ରେଡ୍ଡୀ ପ୍ରମୁଖ ପାଟ୍ରୋଲିଂରେ ସାମିଲ ଥିଲେ। ୩ଟି ବାଇକ୍‌ରେ ୮କେଜି, ୫ କେଜି, ୫୦୦ ଗ୍ରାମ ଓ ୩.୩୦୦ ଗ୍ରାମ ଗଞ୍ଜେଇ ବାଲିଗୁଡ଼ାରୁ ବ୍ରହ୍ମପୁର ଅଞ୍ଚଳକୁ ଚୋରାଚାଲାଣ ହେଉଥିବା ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ କହିଛନ୍ତି। ତାଙ୍କ ନିକଟରୁ ୩ଟି ବାଇକ୍ ଜବତ କରାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଫେବୃୟାରୀ ୨୬/୨୦୧୯ Berhampur, Tuesday, February 26/ 2019




# ସରପଞ୍ଚଙ୍କୁ ପୁନଃ ଅବସ୍ଥାପିତ ଦାବିରେ ଶୋଭାଯାତ୍ରା

କୋଦଳା/ବେଗୁନିଆପଡ଼ା, ୨୫।୨(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ମଠସରସିଂ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଅସିଦ୍ଧ ଘୋଷିତ ସରପଞ୍ଚଙ୍କୁ ପୁନଃ ଅସ୍ଥାପିତ ଦାବିରେ ସୋମବାର ଏକ ଶୋଭାଯାତ୍ରା କରି କୋଦଳାରେ ପହଞ୍ଚିଥିଲେ। ଏ ନେଇ ସ୍ଥାନୀୟ ଥାନା ଅଧିକାରୀଙ୍କ ଜରିଆରେ ଜିଲା ଏସ୍‌ପିଙ୍କୁ ଓ ତହସିଲଦାରଙ୍କ ଜରିଆରେ ଗଞ୍ଜାମ ଜିଲାପାଳ ଓ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ଏବଂ ଶୀଘ୍ର ସରପଞ୍ଚ ରବୀନ୍ଦ୍ର ବେହେରାଙ୍କ ବିରୋଧରେ ହୋଇଥିବା ବହିଷ୍କାର ଆଦେଶକୁ ପ୍ରତ୍ୟାହାର କରି ପୁନଃ ଅବସ୍ଥାପିତ ନ କଲେ ପଞ୍ଚାୟତବାସୀ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି। ବେଗୁନିଆପଡା ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ଦାଶ ସେମାନଙ୍କୁ ବୁଝାଶୁଝା କରିଥିଲେ।.

ପ୍ରକାଶ ଯେ, ୨୮ ଫେବୃୟାରୀ ୨୦୧୭ ସରପଞ୍ଚ ନିର୍ବାଚନରେ ଉକ୍ତ ପଞ୍ଚାୟତରେ ରବୀନ୍ଦ୍ର ବେହେରା ନାମକ ବ୍ୟକ୍ତି ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିପୁଳ ଭୋଟରେ ବିଜୟୀ ହୋଇଥିଲେ। କିନ୍ତୁ ୨୦୧୮ ଫେବୃୟାରୀରେ ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ପଞ୍ଚାୟତର ୧୦ନଂ. ୱାର୍ଡରେ ରବୀନ୍ଦ୍ର ଓ ତାଙ୍କ ବାପାଙ୍କ ନାମ ଏକାଥିବା ଅନ୍ୟ ଜଣେ ବ୍ୟକ୍ତି ଅଛନ୍ତି ବୋଲି ବିପକ୍ଷ ଗୋଷ୍ଠୀରୁ ଅଭିଯୋଗ କରାଯାଇଥିଲା। ତେଣୁ ସରପଞ୍ଚଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରାଯାଇଥିଲା ଓ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନାଏବ ସରପଞ୍ଚ ସୁଜ୍ଞାନ କୁମାରୀ ସ୍ୱାଇଁ ସରପଞ୍ଚ ଦାୟିତ୍ୱ ନେଇଥିଲେ। କିନ୍ତୁ ସେ ଠିକ୍ ଭାବେ କାର୍ଯ୍ୟଭାର ତୁଲାଇ ପାରୁ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ପଞ୍ଚୟତ ବାସୀ ଅଭିଯୋଗ କରିଛନ୍ତି।


ଶୋଭାଯାତ୍ରାରେ ଆସିଥିବା ମହିଳା ଓ ପୁରୁଷମାନେ।

## ମଦ ଜବତ, ଜଣେ ଗିରଫ

ଦିଗପହଣ୍ଡି/ପାଟପୁର,୨୫।୨(ଡି.ଏନ.ଏ.)–ପାଟପୁର ପୋଲିସ ସୋମବାର ପାଇକ ଜଗନ୍ନାଥପୁରର ବିଜୟ କୁମାର ପ୍ରଧାନଙ୍କୁ କୋର୍ଟଚାଲାଣ କରିଛି। ତାଙ୍କଠାରୁ ୪୦ ଲିଟର ଦେଶୀ ମଦ ଜବତ ହୋଇଛି। ନଂ. ୪୫/୧୯ରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି।

## ଅସ୍ଥାୟୀ ସଫେଇ କର୍ମଚାରୀଙ୍କ ଧାରଣା

ବୁଗୁଡ଼ା,୨୫।୨(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସିରେ କାର୍ଯ୍ୟ କରୁଥିବା ଅସ୍ଥାୟୀ ସଫେଇ କର୍ମଚାରୀମାନେ ସୋମବାର ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ସେମାନଙ୍କର ୨ ମାସର ଦରମା ପ୍ରଦାନ ଓ ଇପିଏଫ୍ ରସିଦ ପ୍ରଦାନ ସମେତ ୧୧ ଦଫା ଦାବି ପୂରଣ ନେଇ ପୂର୍ବରୁ ଜିଲାପାଳ, ଭଞ୍ଜନଗର ଉପଜିଲାପାଳ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ସୋମବାର ସୁଦ୍ଧା ଏହା କାର୍ଯ୍ୟକାରୀ ନ ହେଲେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଏଥିପାଇଁ ସେମାନେ ୪ ଦିନ ହେବ ସଫେଇ କାର୍ଯ୍ୟ ବନ୍ଦ କରିବାରୁ ସହର ସାରା ଅଳିଆ ହୋଇ ପଡ଼ିଛି। ଦାବୀ ପୂରଣ ନ ହେବାରୁ ସଂଘର ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ଉପସଭାପତି ସୁକାନ୍ତ ବେହେରା, କୋଷାଧ୍ୟକ୍ଷ ସଞ୍ଜିତ ନାୟକଙ୍କ ସମେତ ବହୁ ସଫେଇ କର୍ମଚାରୀ ବିଭିନ୍ନ ପ୍ଲାକାର୍ଡ ଧରି ସହର ପରିକ୍ରମା କରି ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଦିନସାରା ଧାରଣା ଦେଇଥିଲେ। ଦାବି ପୂରଣ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀ ରଞ୍ଜନ ଦାଶଙ୍କୁ ପଚାରିବାରୁ ସେ ଅଳ୍ପଦିନ ହେଲା ଏଠାକୁ ଆସିଛନ୍ତି। ତେବେ ସେମାନଙ୍କର ସମସ୍ୟାର ପ୍ରତିକାର ଦିଗରେ ଆବଶ୍ୟକୀୟ ଉଦ୍ୟମ କରାଯିବ ବୋଲି କହିଥିଲେ।




## ଉଦ୍ଧାର ଭାଲୁଛୁଆ ମୃତ


ଉଦ୍ଧାର ହୋଇଥିବା ଭାଲୁ ଛୁଆ ।

କୁକୁଡ଼ାଖଣ୍ଡି,୨୫।୨(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳି ଗ୍ରାମରେ ସୋମବାର ଭୋରରେ ନିକଟବର୍ତ୍ତୀ ବିଲମାଳରେ ଏକ ଭାଲୁ ଛୁଆକୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ଭାଲୁଛୁଆ ଅସୁସ୍ଥ ହୋଇଥିବା ଅନୁମାନ କରି ବଉଳଝୋଳି ପ୍ରାଣୀ ଚିକିତ୍ସାଳୟ ଏବଂ ବ୍ରହ୍ମପୁର ବନ ବିଭାଗକୁ ଜଣାଇଥିଲେ। ପ୍ରାଣୀ ଚିକିତ୍ସାଳୟ କର୍ମଚାରୀ ପହଞ୍ଚି ପ୍ରାଥମିକ ଚିକିତ୍ସା କରି ଭାଲୁ ଛୁଆକୁ ଏକ ଇଞ୍ଜେକ୍ସନ୍ ଦେଇଥିଲେ। ପରେ ବନ ବିଭାଗ କର୍ମଚାରୀ ଭାଲୁଛୁଆକୁ ଉଦ୍ଧାର କରି ନେବା ପାଇଁ ଗ୍ରାମରେ ପହଞ୍ଚିଲା ବେଳେ ଭାଲୁଛୁଆର ସେହି ସମୟରେ ମୃତ୍ୟୁ ହୋଇଥିଲା। ମୃତ ଭାଲୁ ଛୁଆକୁ ଉଦ୍ଧାର କରି ନେଇଯାଇଛନ୍ତି । ତେବେ ପ୍ରାଣୀ ଚିକିତ୍ସାଳୟ କର୍ମଚାରୀ ପ୍ରାଥମିକ ଚିକିତ୍ସାରୁ ବା ଅନ୍ୟ କୌଣସି କାରଣରୁ ଭାଲୁଛୁଆର ମୃତ୍ୟୁ ହୋଇଛି ସ୍ପଷ୍ଟ ଜଣାପଡ଼ିନାହିଁ। ଗ୍ରାମବାସୀଙ୍କ କହିବା ପ୍ରକାରେ ସକାଳୁ ନିକଟବର୍ତ୍ତୀ ପୋଖରୀକୁ ଯିବା ରାସ୍ତା ବିଲମାଳରେ ଭାଲୁ ଛୁଆଟି ଏକୁଟିଆ ରହିଥିବା ଦେଖି ତାଙ୍କୁ ଗ୍ରାମକୁ ଆଣିଥିଲେ।

## କୃଷି ବୀମା ପ୍ରଦାନ ନେଇ ଆମରଣ ଅନଶନ

ପାତ୍ରପୁର, ୨୫।୨(ଡି.ଏନ୍.ଏ.)

କୃଷି ବୀମା ଦାବି ନେଇ ପାତ୍ରପୁର ବ୍ଲକ ଆଗରେ ସୋମବାର ବିନୂଆଗାଁ ପଞ୍ଚାୟତର ଉମାଶଙ୍କର ପାଢୀଙ୍କ ନେତୃତ୍ୱରେ କିଛି ଚାଷୀ ଆତ୍ମା କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ୨୦୧୭–୧୮ ଆର୍ଥିକ ବର୍ଷରେ ପ୍ରାକୃତିକ ବିପର୍ଯ୍ୟୟ ଫଳରେ ବିନୂଆଗାଁ ପଞ୍ଚାୟତର ବହୁ ଜମି ନଷ୍ଟ ହୋଇଯିବାରୁ ଚାଷୀ ସମାଜ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏ ନେଇ ଜିଲାପାଳଠାରୁ ଆରମ୍ଭ କରି ବିଡିଓ, କୃଷି ବିଭାଗର ଅଧିକାରୀ ସମସ୍ତଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା ଫଳରେ ପୂର୍ବସୂଚନା ପ୍ରଦାନ କରି ଚାଷୀ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଭାଜପା ପକ୍ଷରୁ ଏହାକୁ ସମର୍ଥନ କରିଥିବା ବେଳେ ଭାଜପାର ବହୁ କର୍ମୀ ଅନଶନରେ ସାମିଲ ଥିଲେ ।

## ନାବାଳିକା ଛାତ୍ରୀଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ, ୨୫।୨(ଡି.ଏନ୍.ଏ)–

ହିଞ୍ଜିଳି ଥାନା କାଞ୍ଚିଆମା ଗ୍ରାମରେ ସୋମବାର ଜଣେ ୭ମ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ. ୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମତ୍ୟୁର କାରଣ ଜଣାପଡ଼ିନାହିଁ। ନାବାଳିକା ଜଣକ ସ୍କୁଲ ଛୁଟି ପରେ ଘରକୁ ଆସି ଭିତରପଟୁ କବାଟ କିଳି ଦେଇଥିଲେ। ତାଙ୍କ ସାନ ଭାଇ ମଧ୍ୟ ସ୍କୁଲରୁ ଆସିଥିଲେ ମଧ୍ୟ ଭିତରପଟୁ କବାଟ ବନ୍ଦଥିବାରୁ ବାହାରେ ଅପେକ୍ଷା କରିଥିଲେ । ପରେ ବିଲକୁ ଯାଇଥିବା ନାବାଳିକାଙ୍କ ମା' ଓ ଅନ୍ୟ ଗ୍ରାମବାସୀ ପହଞ୍ଚି କବାଟ ତାଡ଼ି ଘରେ ପଶିବାରେ ନାବାଳିକା ଜଣକ ରଶିରେ ଝୁଲୁଥିବା ଦେଖିଥିଲେ। ତାଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ ।

### ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ମାମଲା

## ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

ଛତ୍ରପୁର,୨୫।୨(ଡି.ଏନ.ଏ)

ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର ମାମଲାରେ ସୋମବାର ଛତ୍ରପୁରସ୍ଥିତ ସହକାରୀ ସେସନ୍ସ ଜଜ୍ ସତ୍ୟନାରାୟଣ ପାତ୍ର ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ପୈଠ କରିବାକୁ କୁହାଯାଇଛି। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ବ୍ଲକ ଆଲିଆବାଦ ଗାଁର ନିରଞ୍ଜନ ନାୟକ। ନିରଞ୍ଜନଙ୍କ ଅଧିନରେ ପିଡିତା ଦୈନିକ ଶ୍ରମିକ ଭାବେ କାମ କରୁଥିଲେ । ବିବାହର ପ୍ରଲୋଭନ ଦେଖାଇ ନିରଞ୍ଜନ ତାଙ୍କ ସହ ଶାରିରୀକ ସମ୍ପର୍କ ରଖୁଥିଲେ ବୋଲି ଗଞ୍ଜାମ ଥାନାରେ ଏତଲା ଦେଇଥିଲା। ଏ ନେଇ ନଂ. ୪୯/୧୩ରେ ମାମଲା ରୁଜୁ କରି ନିରଞ୍ଜନଙ୍କୁ ପୋଲିସ ଗିରଫ କରିଥିଲା ।








2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ